# ତହସିଲ୍ କାର୍ଯ୍ୟାଳୟ, ସଦର , କଟକ

## ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଚଳିତବର୍ଷ (2018-19) ବାବା ଧବଳେଶ୍ୱରଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତଙ୍କ ପାଇଁ ସଦର ତହସିଲ ଅଧିନରେ ଥିବା ବିଦ୍ୟାଧରପୁର ମୌଜାରେ ନୂତନଭାବେ ଅସ୍ଥାୟୀ ସାଇକେଲ୍ ଷ୍ଟାଣ୍ଡ ଆସନ୍ତା ତା-06-11-2018ରିଖ ଅପରାହ୍ନ - 3ଘଟିକା ସମୟରେ ତହସିଲଦାର, ସଦର, କଟକଙ୍କ କାର୍ଯ୍ୟାଳୟରେ ନିଲାମ କରାଯିବା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି । ଦରଖାସ୍ତ ଗ୍ରହଣ କରିବାର ଶେଷ ସମୟ ସୀମା ତା06-11-2018 ଅପରାହ୍ନ- 2 ଘଟିକା ଧାର୍ଯ୍ୟ କରାଯାଇଅଛି । ଉପରୋକ୍ତ ସମୟସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଅସ୍ଥାୟୀ ସାଇକେଲ୍ ଷ୍ଟାଣ୍ଡ ସର୍ତ୍ତାବଳୀ ଦେଖି ତହସିଲରେ ମିଳୁଥିବା ଦରଖାସ୍ତ ଫର୍ମକୁ ଜଉମୁଦ ଲଫାପାରେ ସଦର ତହସିଲଦାରଙ୍କ କାର୍ଯ୍ୟାଳୟର କାର୍ଯ୍ୟଦିବସ ଓ ସମୟ ମଧ୍ୟରେ ଥିବା ଟେଣ୍ଡର୍ ବାକ୍ସରେ ପକାଇବେ । ଜଉମୁଦ ଲଫାପା ଉପରେ ମିସ୍ ସଇରାତ୍ ଉତ୍ସ ର ନାମ ଓ କେଶ୍ ନଂ ଲେଖା ହୋଇଥିବା ଆବଶ୍ୟକ । ଦରଖାସ୍ତ ସହିତ ସରକାରୀ ଧାର୍ଯ୍ୟ ମୂଲ୍ୟର ଦଶ ଶତାଂଶ ଅମାନତ ଟଙ୍କା ବ୍ୟାଙ୍କ୍ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରିବେ । ଏହି ବ୍ୟାଙ୍କ୍ ଡ୍ରାଫ୍ଟ ତହସିଲଦାର, ସଦରଙ୍କ ସପକ୍ଷରେ ଓ ଦେୟ **Payable at SBI Main Branch, Cuttack** ହୋଇଥିବା ଆବଶ୍ୟକ । ନିଲାମ ଗ୍ରହିତା ଧାର୍ଯ୍ୟ କରାଯାଇଥିବା ମହାସୁଲ୍(ସାଇକେଲ-ଟ.10.00,ଦୁଇ ଚକିଆ-ଟ.30.00,ଚାରି ଚକିଆ– ଟ.50.00) ଯାନ ଗୁଡିକରୁ ଆଦାୟ କରିବେ । ମହାସୁଲର ଏକ ତାଲିକା ସମ୍ପୃକ୍ତ ଷ୍ଟାଣ୍ଡର ସମ୍ମୁଖ ଭାଗରେ ଫ୍ଲେକ୍ସ ବୋର୍ଡ୍ ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବେ । ଉକ୍ତ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଅର୍ଥ ଆଦାୟ କରିପାରିବେ ନାହିଁ । ଏ ବାବଦରେ ଏକ ମୁଚାଲିକା ପତ୍ର ଦେବେ । ଯଦି ନିଲାମଧାରୀ ଧାର୍ଯ୍ୟ ମହାସୁଲଠାରୁ ଅଧିକ ଆଦାୟ କରନ୍ତି ତେବେ ଉକ୍ତ ନିଲାମକୁ ରଦ୍ଦ କରିଦିଆଯିବ ଏବଂ ତାଙ୍କଠାରୁ ଜୋରିମାନା ଆଦାୟ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମ ଅଧିକାରୀ ନିଲାମକୁ ସ୍ଥଗିତ ବା ରଦ୍ଦ କରିପାରିବେ ।

29/10/18

ତହସିଲଦାର, ସଦର, କଟକ

ମିସ୍ ସୈରାତ୍ କେସ୍ ନଂ – 3/2018-19

ସରକାରୀ ଧାର୍ଯ୍ୟ ମୂଲ୍ୟ– Rs.1,50,000/-

ସୈରାତ୍ ର ନାମ – ଅସ୍ଥାୟୀ ସାଇକେଲ ଷ୍ଟାଣ୍ଡ ବିଦ୍ୟାଧରପୁର

## ତ ଫ ସି ଲ୍

- ମୌଜା – ବିଦ୍ୟାଧରପୁର
- ଖାତା ନଂ – 156, ପ୍ଲଟ୍ ନଂ – 219,ରକବା – ଏ0.180ଡି.

ପ୍ଲଟ୍ ନଂ - 208/588, ରକବା – ଏ0.110ଡି.

ପ୍ଲଟ୍ ନଂ – 208/589, ରକବା – ଏ0.200ଡି

ମୋଟ ରକବା – ଏ0.490ଡି

## ମ ହା ସୁ ଲ୍

1. ଚାରି ଚକିଆ ଯାନ ରଖିବା ପାଇଁ ଧାର୍ଯ୍ୟ ମୂଲ୍ୟ – ଟ.50/-
2. ଦୁଇ ଚକିଆ ମୋଟର ଯାନ ରଖିବା ପାଇଁ ଧାର୍ଯ୍ୟ ମୂଲ୍ୟ – ଟ.30/-
3. ସାଇକେଲ୍ ରଖିବା ପାଇଁ ଧାର୍ଯ୍ୟ ମୂଲ୍ୟ – ଟ.10/-

[signature] 2/6/18

ତହସିଲଦାର, ସଦର, କଟକ